RNI No. ODIODI/2001/04811
Postal Regd. No. BN/249/15-17
❖ Bhubaneswar, Monday, 19 March 2018
❖ ଭୁବନେଶ୍ୱର, ସୋମବାର, ୧୯ ମାର୍ଚ୍ଚ, ୨୦୧୮
❖ Vol. – 25 ❖ Issue –330
❖ ଭାଗ–୨୫ ❖ ସଂଖ୍ୟା–୩୩୦
❖ Rs. 4.00 ❖ Page. 16
❖ ମୂଲ୍ୟ: ୪ ଟଙ୍କା ❖ ପୃଷ୍ଠା: ୧୬
E-mail: sancharodisha@ gmail.com
www.sancharodisha.com

ଓଡ଼ିଆ ସ୍ୱାଭିମାନର ସ୍ୱର | THE SANCHAR

ସଂଚାର

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

https://www.facebook.com/SancharOfficial
https://twitter.com/SancharOfficial
https://www.instagram.com/sanchardaily/

ବିଜେପି–ଆରଏସଏସ କୌରବ, ଆମେ ପାଣ୍ଡବ ।
ରାହୁଲ ଗାନ୍ଧୀ
କଂଗ୍ରେସ ଅଧ୍ୟକ୍ଷ

ଅରଗୁଳ ଆଇଆଇଟିର ସମାବର୍ତ୍ତନ ଉତ୍ସବରେ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତିଙ୍କ ଆହ୍ୱାନ

ଦେଶ ଓ ଜାତିର ସେବା କରିବାକୁ ଆଗେଇଆସ

ଅଭିଭାଷଣରେ ନବୀନଙ୍କୁ ପ୍ରଶଂସା

ସଂଚାର ମିଡିଆ
ଭୁବନେଶ୍ୱର,୧୮।୦୩

ଜଣେ ଆଇଆଇଟିଆନ ଭାବେ ଦେଶପ୍ରତି ଛାତ୍ରଛାତ୍ରୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ ନିଜ ବା ପରିବାର ପାଇଁ ନୁହେଁ, ସମାଜ ପାଇଁ ସେମାନେ କାମ କରିବା ଦରକାର। ଏଥିସହ ନିଜ ସ୍ୱତନ୍ତ୍ରତା ଦ୍ୱାରା ଦେଶ ଓ ଜାତିର ସେବା କରିବାକୁ ସେମାନେ ଆଗେଇ ଆସିବା ଉଚିତ। ଭୁବନେଶ୍ୱର ଅରଗୁଳ କ୍ୟାମ୍ପସ ଠାରେ ଆଇଆଇଟିର ଷଷ୍ଠ ସମାବର୍ତ୍ତନ ⏭ ପୃଷ୍ଠା–୧୨

ଭାରତ ଚାମ୍ପିୟନ

ନିଦାହାସ ଟି–୨୦ ସିରିଜ୍‌ର ଫାଇନାଲରେ ଭାରତ ବାଂଲାଦେଶକୁ ୪ ୱିକେଟ୍‌ରେ ପରାସ୍ତକରି ଚାମ୍ପିୟନ ହୋଇଛି ।
ଅଧିକ ବିବରଣୀ ପୃଷ୍ଠା–୧୬

ଶ୍ରୀଲଙ୍କାରୁ ଉଠିଲା ଜରୁରିକାଳୀନ ପରିସ୍ଥିତି

କଲମ୍ବୋ,୧୮/୩

ଦୀର୍ଘ ତେର ଦିନ ପରେ ଶ୍ରୀଲଙ୍କାରୁ ଜରୁରୀକାଳୀନ ପରିସ୍ଥିତିକୁ ପ୍ରତ୍ୟାହାର କରିନିଆଯାଇଛି। ଗତ ମାର୍ଚ୍ଚ ୬ ତାରିଖରୁ ଉପୁଜିଥିବା ବୈଦ୍ଧ–ମୁସ୍‌ଲାମନ ହିଂସା ହେତୁ ଶ୍ରୀଲଙ୍କାରେ ଜରୁରିକାଳୀନ ପରିସ୍ଥିତ ଜାରି ହୋଇଥିଲା। ରାଷ୍ଟ୍ରପତି ମୈତ୍ରିପାଲା ସିରିସେନା ଲୋକଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା ପରେ ଶନିବାର ରାତିରେ ଜରୁରିକାଳୀନ ପରିସ୍ଥିତିକୁ ହଟାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରୀଲଙ୍କାରେ ବୌଦ୍ଧ ଏବଂ ମୁସ୍‌ଲମାନ ସଂପ୍ରଦାୟ ମଧ୍ୟରେ ହିଂସା ପରିସ୍ଥିତି ଉପୁଜିବା ପରେ ରାଷ୍ଟ୍ରପତି ମୈତ୍ରିପାଲା ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲେ। ଏପରି କରିବା ଦ୍ୱାରା ହିଂସା ଅନ୍ୟ ବର୍ଗକୁ ସହଜରେ ବ୍ୟାପି ପାରିବ ନାହିଁ ବୋଲି ଚିନ୍ତା କରି ରାଷ୍ଟ୍ରପତି ଏପରି ନିଷ୍ପତ୍ତି ନେଇଥିଲେ। ଏହି ଜରୁରିକାଳୀନ ପରିସ୍ଥିତି ୧୦ ଦିନ ପାଇଁ ଲଗାଯାଇଥିଲା। ମାତ୍ର ପରିସ୍ଥିତି ଅଣାୟତ୍ତ ହେବାରୁ ତାହାକୁ ଘୁଞ୍ଚାଇ ୧୩ ଦିନ କରାଯାଇଥିଲା। ଶେଷରେ ରାଷ୍ଟ୍ରପତି ଦେଶରୁ ଜରୁରିକାଳୀନ ପରିସ୍ଥିତି ଉଠାଇ ଦେଇଛନ୍ତି।

ହତ୍ୟା ଅଭିଯୁକ୍ତ ଜେଲ୍‌ରୁ ଫେରାର

ଉଚ୍ଚ ସ୍ତରୀୟ ତଦନ୍ତ ଆରମ୍ଭ

୨ଜେଲ କର୍ମଚାରୀ ନିଲମ୍ବିତ

ସଂଚାର ମିଡିଆ / କେନ୍ଦ୍ରାପଡା,୧୮।୦୩

ବାରିମୂଳସ୍ଥିତ କେନ୍ଦ୍ରାପଡା ଉପ କାରାଗାରରୁ ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଜନୈକ ବିଚାରାଧିନ ବନ୍ଦୀ ଫେରାର ହୋଇଯିବା ଭଳି ଘଟଣା ସାରା ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଘଟଣାରୁ ପ୍ରକାଶ ଯେ ଗତକାଲି ସନ୍ଧ୍ୟାରେ କେନ୍ଦ୍ରାପଡା ଉପ କାରାଗାର ମଧ୍ୟରୁ ନିକିରାଇ ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ରଙ୍ଗାଧର ବିଶ୍ୱାଳ(୪୫)ନାମକ ବିଚାରାଧିନ ବନ୍ଦୀ ବାହାରକୁ ପଳାଇଯାଇ ଫେରାର ହୋଇଯାଇଥିଲା । ସେ ଗତ ୨୦୧୪ମସିହା ଫେବୁଆରି ମାସ ୨୮ତାରିଖରେ ମିର୍ଜାପୁର ଗ୍ରାମର ଶ୍ରୀକାନ୍ତ ସ୍ୱାଇଁଙ୍କୁ ଏକ ପରକିୟା ପ୍ରୀତି ମାମଲାକୁ କେନ୍ଦ୍ରକରି ହତ୍ୟା କରିଥିଲା । ନିକିରାଇ ଥାନାରେ ତା୧.୩.୨୦୧୪ରିଖରେ ⏭ ପୃଷ୍ଠା–୧୨

ଗେଟ୍ ୨୦୧୮ ଓଡ଼ିଶାର ଜ୍ୟୋତିରଞ୍ଜନ ସର୍ବଭାରତୀୟ ଟପ୍ପର

ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ସଂଚାର ମିଡିଆ
ଭୁବନେଶ୍ୱର,୧୮।୦୩

ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଜ୍ୟୋତିରଞ୍ଜନ ବାରିକ। ଚଳିତ ବର୍ଷ ଗେଟ୍ (ଗ୍ରାଜୁଏଟ ଆପ୍ଟିଚ୍ୟୁଡ୍ ଟେଷ୍ଟ ଇନ ଇଞ୍ଜିନିୟରିଂ) ପରୀକ୍ଷାରେ ସେ ସାରା ଭାରତରେ ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜ୍ୟୋତିରଞ୍ଜନ ⏭ ପୃଷ୍ଠା–୧୨

ଚିନ୍ତାରେ ମୋଦି ସରକାର

ନୂଆଦିଲ୍ଲୀ,୧୮/୩

କେନ୍ଦ୍ରର ମୋଦୀ ସରକାର ଚାରି ବର୍ଷର ଶାସନ କାଳ ମଧ୍ୟରେ ଆସନ୍ତାକାଲି ସଂସଦରେ ଏକ ବଡ଼ ଚାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛନ୍ତି। ସୋମବାର ଟିଡିପି ଓ ୱାଇଏସଆର କଂଗ୍ରେସ ପକ୍ଷରୁ ଲୋକସଭାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପସ୍ଥାପନ କରିବେ। ୱାଇଏସଆର କଂଗ୍ରେସର ୱାଇଭି ସୁବ୍ବା ରେଡ୍ଡୀ ଅନାସ୍ଥା ପ୍ରସ୍ତାବ ପାଇଁ ତାଙ୍କର ନୋଟିସକୁ ସୋମବାର ଗୃହ କାର୍ଯ୍ୟ ସୂଚୀରେ ସାମିଲ କରିବାକୁ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି। ଟିଡିପି ମଧ୍ୟ ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ୍ ଦେଇ ସାରିଛି। ଏହା ପୂର୍ବରୁ ଶୁକ୍ରବାର ଏହି ଦୁଇ ପାର୍ଟି ପକ୍ଷରୁ ⏭ ପୃଷ୍ଠା–୧୨

Deals in: Precious & Semi Precious S™æones
A compu™æerised As™æro Researc¨ë & Gems ™Æ¨ëerapy Cen™ære
ABRAR GEMS
& Jewellery
9937698701
0674-2503786
Mission Road,
Buxi Bazar, Cuttack-1
Plot No. #A-39, Unit-3,
K¨ëarvel Nagar, BBSR-1

ବୁଲିଅନ ବଜାର ଦର

ସୁନା: ₹୨୯,୮୫୬୧୦ଗ୍ରାମ
ରୁପା: ₹୩୯,୬୧୫୧ କିଗ୍ରା

ପାଣିପାଗ

	ସର୍ବୋଚ୍ଚ	ସର୍ବନିମ୍ନ
ଭୁବନେଶ୍ୱର	୩୬.୫	୨୧.୮
କଟକ	୩୪.୬	୨୦.୫
ପୁରୀ	୩୧.୭	୨୧.୬
ସମ୍ବଲପୁର	୩୩.୪	୧୭.୪
ବାଲେଶ୍ୱର	୩୭.୪	୨୨.୦
ତାଳଚେର	୩୬.୪	୧୮.୬
ଅନୁଗୁଳ	୩୫.୧	୧୭.୬
ଭବାନୀପାଟଣା	୩୩.୪	୧୯.୬
ବଲାଙ୍ଗୀର	୩୫.୦	୧୮.୦
ଫୁଲବାଣୀ	୩୪.୦	୧୬.୦
ଟିଟିଲାଗଡ଼	୩୫.୦	୧୭.୫
ହୀରାକୁଦ	୩୪.୧	୧୫.୧

ମଙ୍ଗଳବାରରୁ ବଜେଟ ଅଧିବେଶନ

ସରକାରଙ୍କୁ ବିରୋଧ ପାଇଁ ବିରୋଧିଙ୍କ ସଜବାଜ

ବିଜେଡ଼ି କହିଲା ଆମେ ପ୍ରସ୍ତୁତ

ସଂଚାର ମିଡିଆ
ଭୁବନେଶ୍ୱର,୧୮।୦୩

ଆସନ୍ତା ମଙ୍ଗଳବାର ଠାରୁ ଅର୍ଥାତ ୨୦ ତାରିଖରୁ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ବଜେଟ ଅଧିବେଶନ ଆରମ୍ଭ ହେବା ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଅଧିବେଶନ ମାସେ କାଳ ଚାଲିବା ବିଭିନ୍ନ ଦୃଷ୍ଟିକୋଣରୁ ଏହି ଅଧିବେଶନ ସରଗରମ ହେବା ଏକାଧିକ ପ୍ରସଙ୍ଗନେଇ ସରକାରଙ୍କୁ ଅଡ଼ୁଆରେ ପକାଇବା ପାଇଁ ବିରୋଧି ବିଜେପି ଓ କଂଗ୍ରେସ ରଣନୀତି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ବିରୋଧିଙ୍କୁ ମୁକାବିଲା ପାଇଁ ଆମେ ପ୍ରସ୍ତୁତ ବୋଲି ବିଜେଡ଼ି କହିଛି।

ମଙ୍ଗଳବାରରୁ ଆରମ୍ଭ ହେବାକୁ ଥିବା ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୦ ତାରଖରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇ ମେ' ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବରୁ ଅଧିବେଶନ ଆରମ୍ଭ ହୋଇ ୨୩ ତାରିଖରେ ୨୦୧୮–୧୯ ଆର୍ଥିକବର୍ଷ ପାଇଁ ଅର୍ଥମନ୍ତ୍ରୀ ଆଗତ କରିବେ ପୂର୍ଣ୍ଣାଙ୍ଗ ବଜେଟ। ବଜେଟ ଉପରେ ୨୭ରୁ ୨୯ ତାରିଖ ଦୁଇଦିନ ଆଲୋଚନା ହେବାପରେ ୩୧ ତାରିଖରେ ଭୋଟ ଅନ୍ ଆକାଉଣ୍ଟ ଉପରେ ବ୍ୟୟମଞ୍ଜୁରୀ ବିଲ୍ ଆସିବ। ଏଥିରେ ମୋଟ ୩୧ଟି କାର୍ଯ୍ୟଦିବସ ଥିବାବେଳେ ୩୦ ଦିନଧରି ବିଧାୟକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ମନ୍ତ୍ରୀମାନେ ରଖିବେ।

ବିଧାନସଭାର ବଜେଟ ଅଧିବେଶନକୁ ଆଖିଆଗରେ ରଖି ବିରୋଧି ଦଳଗୁଡ଼ିକ ରଣନୀତି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଜେପି ରାଜ୍ୟଶାଖା ସଭାପତି ବିଧାୟକ ବସନ୍ତ ପଣ୍ଡା କହିଛନ୍ତି, ଏହି ଅଧିବେଶନ କାଳରେ ପଶ୍ଚିମ ଓଡ଼ିଶାରେ ଉତ୍କଟ ପାଣି ସମସ୍ୟାଠାରୁ ଆରମ୍ଭକରି ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସରକାରଙ୍କୁ ଘେରିବୁ। ସେହିପରି କୁନ୍ଦୁଲି ପୀଡ଼ିତା ଓ ଗୁମୁଡ଼ୁମାହା ଗୁଳିକାଣ୍ଡ ଘଟଣା ମଧ୍ୟ ବିଧାନସଭାରେ ⏭ ପୃଷ୍ଠା–୧୨

ଚାଷୀ ଆତ୍ମହତ୍ୟା : ଶୀର୍ଷରେ ମହାରାଷ୍ଟ୍ର

୭ଟି ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢିଛି

ନୂଆଦିଲ୍ଲୀ ,୧୮।୦୩

ଚାଷୀ ଆତ୍ମହତ୍ୟା କ୍ଷେତ୍ରରେ ମହାରାଷ୍ଟ୍ର ଦେଶରେ ଶୀର୍ଷ ସ୍ଥାନରେ ଥିବାବେଳେ ଦ୍ୱାଦଶ ସ୍ଥାନରେ ରହିଛି ଓଡ଼ିଶା । ବିଡ଼ମ୍ବନାର ବିଷୟ ହେଉଛି ଯେ ଅନ୍ୟ ରାଜ୍ୟଗୁଡ଼ିକରେ ଚାଷୀ ଆତ୍ମହତ୍ୟା ହ୍ରାସ ପାଉଥିବାବେଳେ ଓଡ଼ିଶା ସମେତ ୭ଟି ରାଜ୍ୟରେ ଆତ୍ମହତ୍ୟା ବୃଦ୍ଧି ପାଇଛି । ସରୋଜିନୀ ହେମ୍ବ୍ରମଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ସଭାରେ ଏପରି ତଥ୍ୟ ରଖିଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲୀ । ଗୁଜୁରାଟ, ହରିୟାଣା, କେରଳ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା ଓ ପଞ୍ଜାବରେ ପୂର୍ବ ବର୍ଷ ତୁଳନାରେ ଚାଷୀ ଆତ୍ମହତ୍ୟା ଅଧିକ । ଓଡ଼ିଶାରେ ଚାଷୀଙ୍କ ତୁଳନାରେ ଆତ୍ମହତ୍ୟା କରୁଥିବା ଭାଗଚାଷୀଙ୍କ ସଂଖ୍ୟା ଦୁଇଗୁଣା ଥିବା ଏହି ତଥ୍ୟରେ କୁହାଯାଇଛି । ବ୍ୟାଙ୍କ ଋଣ ବୋଝ ଓ ଚାଷ ସଂକ୍ରାନ୍ତ ସମସ୍ୟା ହିଁ ଚାଷୀ ଆତ୍ମହତ୍ୟାର ଦୁଇ ପ୍ରମୁଖ କାରଣ ଏବଂ ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ ସମସ୍ୟା ଓ ପାରିବାରିକ ସମସ୍ୟା ଯୋଗୁଁ କୃଷି ଶ୍ରମିକମାନେ ଆତ୍ମହତ୍ୟା କରୁଥିବା ମନ୍ତ୍ରୀ କହିଛନ୍ତି । ୨୦୧୫ରେ ରାଜ୍ୟରେ ୫୦ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି । ଏମାନଙ୍କ ମଧ୍ୟରେ ୨୩ଜଣ ଚାଷୀ ଓ ୨୭ ଜଣ କୃଷି ଶ୍ରମିକ ରହିଛନ୍ତି । ୨୦୧୬ରେ ଏହା ୧୨୧କୁ ବଢିଛି । ସେଥିରେ ୨୦ ଜଣ କୃଷକ ଥିବା ବେଳେ ୧୦୧ ଜଣ କୃଷି ଶ୍ରମିକ ରହିଥିବା କୁହାଯାଇଛି ।

Going beyond industry
we touch your lives!

Jindal Steel & Power Limited, a part of the above UD$ 18 billion O.P. Jindal Group, has business interests in steel production, power generation, mining & infrastructure. Jindal Steel & Power is conscious of making a substantive difference to the quality of life of the people across social segments through employment generation, education, delivery of superior health services, upgrading infrastructure like roads, parks, sewage and sanitation and programmes to reform villages.

JINDAL STEEL & POWER

Jindal Steel & Power Limited
Barbil, Keonjhar, Odisha
www.jindalsteelpower.com

ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ ଦିଅର ଓ ନଣନ୍ଦଙ୍କ ବିରୋଧରେ ମାମଲା

ସଂଚାର ମିଡିଆ/ତିହିଡି : ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧିନ ଦଳେଇସାହି ସାନ୍ତରାପୁର ଗାଁର ଜଣେ ମହିଳାଙ୍କୁ ତାଙ୍କ ଦିଅର ଓ ୨ ନଣନ୍ଦ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ସନାତନ ବେହେରାଙ୍କ ସ୍ତ୍ରୀ ପାର୍ବତୀ ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ନଂ.୬୭/୧୮, ଦଫା ୩୨୩, ୩୫୪, ୨୯୪, ୫୦୬ ଓ ୩୪ ଆଇପିସି ରୁଜୁ ହୋଇଛି। ପ୍ରକାଶ ଥାଉକି, ପାର୍ବତୀ ଘରେ ଥିବା ବେଳେ ତାଙ୍କ ଦିଅର ବୈଲୋଚନ ବେହେରା, ନଣନ୍ଦ ଜୟନ୍ତୀ ବେହେରା ଓ ମିନାରାଣୀ ନାୟକ ପ୍ରମୁଖ ଅତର୍କିତଭାବେ ଘରେ ପଶି ତାଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରିବା ସହ ଉଲଗ୍ନ କରି ମାଡ ମାରିଥିଲେ। ଘରେ ଥିବା ୪୩ ହଜାର ଟଙ୍କା ସହ ପାର୍ବତୀଙ୍କ ପିନ୍ଧିଥିବା ସୁନା ହାର ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ସାଟିବାଟି ଗାଁର ନିଳମାଧବ ନାୟକ ଥାନାରେ ଅନ୍ୟଏକ ଏତଲା ଦାୟର କରିଛନ୍ତି। ଏନେଇ ପୋଲିସ୍ ମଧ୍ୟ ଅପରପକ୍ଷଙ୍କୁ ପକ୍ଷଭୁକ୍ତି କରିବା ସହ ତଦନ୍ତ ଜାରି ରଖିଛି। ପ୍ରକାଶ ଥାଉକି, ନିଳମାଧବ ତିହିଡି ବଜାରରେ ଥିବା ବେଳେ ଅପରପକ୍ଷ ୪ ଜଣ ସଂଘବଦ୍ଧଭାବେ କୌଣସି କାରଣ ନଥାଇ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଫଳରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ହୋଇଥିଲା ଏବଂ ସେ ତିହିଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତୀ ହୋଇ ୩ ଦିନ ଚିକିତ୍ସା ହୋଇଥିଲେ। ନିଳମାଧବ ସଂପ୍ରତି ଭୟଭିତ ଅବସ୍ଥାରେ ଥିବା ଓ ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଲାଗି ଏତଲାରେ ଦର୍ଶାଇଛନ୍ତି।

ଗୋପ ମୁସଲିମ ବସ୍ତିରେ ଗୋଷ୍ଠୀ ସଂଘର୍ଷ

ସଂଚାର ମିଡିଆ/ଗୋପ: କ୍ରିକେଟ ମ୍ୟାଚରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଗତ ଦୁଇଦିନ ତଳେ ଘଟିଥିବା ଏକ ଛୋଟ ଘଟଣା ଆଜି ଏକ ଭିନ୍ନ ମୋଡ ନେଇଛି । ଏପରିକି ଗୋଟିଏ ଗୋଷ୍ଠିର କିଛି ବ୍ୟକ୍ତି ଆଜି ଦିନ ତମାମ ପୋଲିସ ବିରୋଧରେ ନାରାବାଜି ସହିତ ଗୋପ କୋଣାର୍କ ମୂଖ୍ୟ ରାସ୍ତାକୁ ଅବରୋଧ କରିଥିଲେ ଏବଂ ଗୋପ ଥାନା ଆଗରେ ଧାରଣାରେ ବସିଥିଲେ । ସୁଚନାଯୋଗ୍ୟ ଯେ, ଗୋପ ମୁସଲିମ ବସ୍ତି ନିକଟରେ ଏକ ଛୋଟ କ୍ରିକେଟ ଟୁର୍ଣାମେଂଟରେ ଦୁଇ ପ୍ରତିପକ୍ଷ ଖେଳୁଥିବା ବେଳେ ବିଜେତା ଦଳକୁ କେହି କଂମେଟ ମାରିବାରୁ ସେହିଠାରେ ପାଟିତୁଣ୍ଡ ହୋଇଥିଲା । ପରେ ଖେଳ ସରିବା ପରେ ତାଙ୍କର ନିଜ ଘର ପାଖରେ ସଂପୃକ୍ତ ଯୁବକକୁ ଗୋଡେଇ ଗୋଡେଇ ପିଟିଥିଲେ । ଗୋପ ବସ୍ତିର ଜଇନୁଲ ଖାଁ ଗୋପ ଥାନାରେ ଅଭିଯୋଗ କ୍ରମେ ତାଙ୍କ ପୁତୁରା ସରତାକ ଖାଁ କୁ ତାଙ୍କ ବସ୍ତିର ମହମ୍ମଦ ତନବୀର ଓ ମହମ୍ମଦ ସମିର ଦୁହେଁ ମରଣାତ୍ମକ ଆକ୍ରମଣ କରିବା ସହିତ ଗାଳିଗୁଲଜଜ କରିଥିଲେ । ଜଇନୁଲ ଖାଁ ଥାନାରେ ଲିଖିତ ଅଭିଯାଗ କରିବା ପରେ ପ୍ରତିପକ୍ଷ ମଧ୍ୟ ସମାନ ଢଙ୍ଗରେ ଲିଖିତ ଅଭିଯୋଗ କରିଥିଲେ । ପରେ ଗୋପ ପୋଲିସ ଉଭୟ ପକ୍ଷର ଅଭିଯୋଗ ପାଇବା ପରେ ଦୁଇ ପକ୍ଷଙ୍କୁ ଗତ କାଲି ଥାନାକୁ ଡାକି ବୁଝାଶୁଝା କରିଥିଲେ ଏବଂ ଅମାନ୍ୟ କରିବାରୁ ଗୋଟିଏ ପକ୍ଷର ୪ଜଣଙ୍କୁ ଘରକୁ ଛାଡିଦେଇଥିବା ବେଳେ ଅନ୍ୟ ପକ୍ଷର ୫ଜଣଙ୍କୁ ଥାନାରେ ଅଟକ ରଖିଥିଲେ । ମାତ୍ର ଆଜି ଏକ ଅଭାବନୀୟ ଘଟଣାକ୍ରମେ ଅଟକ ଥିବା ୫ଜଣଙ୍କର ମଧ୍ୟରୁ ଜଣେ ଚେତାଶୂନ୍ୟ ହୋଇଯାଇଥିଲେ । ତାଙ୍କୁ ଗୋପ ପୋଲିସ ତୁରନ୍ତ ଗୋପ ଗୋଷ୍ଠିକେନ୍ଦ୍ରରେ ଭର୍ତ କରିଥିଲେ ସୁଦ୍ଧା ସେ ବିପଦମୁକ୍ତ ନଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ଗୋପ ବସ୍ତିର ହଜାର ହଜାର ଲୋକେ ହଠାତ ଗୋପ ଥାନାକୁ ଆସି ନାରାବାଜି କରିବା ସହିତ ଗୋପ ଥାନାରେ ଧାରଣା ଦେଇଥିଲେ ଏବଂ ଗୋପ କୋଣାର୍କ ମୂଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ଏ ସଂପର୍କରେ ଗୋପ ଥାନାଧିକାରୀ ରଂଜନ କୁମାର ପ୍ରଧାନ ଏବଂ ନିମାପଡା ଏସଡିପିଓ ଶ୍ରୀଯୁକ୍ତ ପାଢୀ ପଂହଚିବା ସହିତ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ପରେ ଏ ସଂପର୍କରେ ଗୋପ ଥାନାଧିକାରୀ ଙ୍କ ସହିତ ଯୋଗାଯୋଗ କରିବାରେ ଉଭୟ ପକ୍ଷଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ଏବଂ ଦୋଷୀ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି

ପାରିବାରିକ କଳହକୁ କେନ୍ଦ୍ର କରି ଯୁବକଙ୍କ ଆତ୍ମହତ୍ୟା

ସଂଚାର ମିଡିଆ/ଚୌଦ୍ୱାର : ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶଙ୍କରପୁର ପଂଚାୟତର ଅମରାବତିପୁର ଗ୍ରାମରେ ଆଜି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୁଚନାଅନୁସାରେ ଏହି ଗ୍ରାମର ବାସିନ୍ଦା ତଥା ସ୍ୱର୍ଗତ ହାଡ଼ିବନ୍ଧୁ ପ୍ରଧାନଙ୍କ ପୁତ୍ର ପରମାନନ୍ଦ ପ୍ରଧାନ (୩୩) କିଛି ବର୍ଷ ପୂର୍ବରୁ ତାଙ୍କର ବିବାହ ହୋଇଥିଲା କିନ୍ତୁ ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗିରହୁଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ପରମାନନ୍ଦ ପାରିବାରିକ କଳହକୁ କେନ୍ଦ୍ରକରି ନିଜ ବାରିପଟରେ ଏକ ଗଛରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିବା ପରେ ପୋଲିସ୍ ପହଂଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦର ବ୍ୟବସ୍ଥା କରିଛନ୍ତି।

ସପ୍ତମ ଦିନରେ ଚାଷୀ ଆନ୍ଦୋଳନ : ୭ ଚାଷୀ ମେଡିକାଲରେ ଭର୍ତ୍ତି

ଆନ୍ଦୋଳନକୁ ବ୍ରଜ ତ୍ରିପାଠୀ ଓ ପଞ୍ଚାନନ କାନୁନ୍‌ଗୋଙ୍କ ସମର୍ଥନ

ସଂଚାର ମିଡିଆ/ଭୁବନେଶ୍ୱର:

ଲୋୟର ପିଏମ୍‌ଜିରେ ଚାଷୀମାନଙ୍କୁ ୨୦ ବର୍ଷ ବୟସରୁ ୫ ହଜାର ଟଙ୍କା ଲେଖାଏଁ ପେନ୍‌ସନ ଦେବା ଦାବିରେ ଚାଲିଥିବା ଅନଶନ ଆଜି ସପ୍ତମ ଦିନରେ ପହଞ୍ଚିଛି। ଅନଶନସ୍ଥଳରୁ ୭ ଜଣ ଅନଶନକାରୀ ଆଜି ଅସୁସ୍ଥ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି।ପ୍ରତିଦିନ ଅନଶନ କାରୀମାନେ ମେଡ଼ିକାଲରେ ଭର୍ତ୍ତି ହେଉଥିଲେ ସୁଦ୍ଧା ସରକାର କିମ୍ବା ପ୍ରଶାସନରେ ହଲ୍‌ଚଲ୍ ଆରମ୍ଭ ହୋଇନାହିଁ। ବିଭିନ୍ନ ସମୟରେ 'ମୋ ସରକାର, ଚାଷୀଙ୍କ ସରକାର' ବୋଲି ଘୋଷଣା କରୁଥିବା ନବୀନ ବାବୁଙ୍କ ମୁଖା ଖୋଲିଯାଇଛି। ଆଜି ଅନଶନସ୍ଥଳରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ଅନଶନକାରୀମାନଙ୍କୁ କହିଥିଲେ ଯେ, 'ଆପଣମାନେ ଯେଉଁ ଦାବୀ କରୁଛନ୍ତି, ଏ ଦାବୀରେ କିଛି ଅଯୌକ୍ତିକତା ନାହିଁ। ସେହିପରି ଓଡ଼ିଶା ସରକାରଙ୍କ ଆର୍ଥିକ ଅବସ୍ଥା ଏତେ ଖରାପ ନୁହେଁ ଯେ, ଯେଉଁଥିପାଇଁ ସେମାନେ ଚାଷୀଙ୍କୁ ପେନ୍‌ସନ୍ ଦେଇପାରିବେ ନାହିଁ। ପ୍ରତି ପରିବାରକୁ ୪ ହଜାର ଟଙ୍କା ଲେଖାଏଁ ଦେଲେ ବର୍ଷକୁ ମାତ୍ର ୮ ହଜାର କୋଟି ଟଙ୍କା ଆବଶ୍ୟକ' ବୋଲି କହି ଅଫିସରମାନେ ଓ ଶାସକ ଦଳର ନେତା ଏଥିପାଇଁ ବତର୍କ କଲେ, ଅର୍ଥାଗମର ସୂତ୍ର ସେ ବତାଇବେ ବୋଲି କହିଥିଲେ। ସେହିଭଳି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଆଜି ଅନଶନସ୍ଥଳରେ ଚାଷୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, 'ଦେଶର ପ୍ରଥମ ବଜେଟ୍ ୧୫୭ କୋଟି ଥିଲାବେଳେ ଏବେ ୨୪ଲକ୍ଷ ୫୦ କୋଟିରେ ପହଞ୍ଚିଲାଣି। ଏତେବଡ଼ ବଜେଟ୍ ଆକାର ବଢିଲା ପରେ ବି ଦେଶର ସିଂହଭାଗ କୃଷକ ଓ କୃଷି ପାଇଁ ଏଥିରୁ ବଡ଼ ଅଂଶଟିଏ ଖର୍ଚ୍ଚ ହେଉନାହିଁ ବରଂ ବଡ଼ ବଡ଼ କର୍ପୋରେଟରମାନଙ୍କୁ ସରକାର ଲକ୍ଷ ଲକ୍ଷ କୋଟିର ରିହାତି ଦେଇ ଚାଷୀଙ୍କୁ ଉତ୍ପାଦ ଦ୍ରବ୍ୟର ଉଚିତ୍ ମୂଲ୍ୟ ଓ ପେନ୍‌ସନ ଦେବାକୁ କୁଣ୍ଠାବୋଧ କରୁଛନ୍ତି। ଧାନ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଜିନିଷର ଉତ୍ପାଦ ଦର ସ୍ଥିର କରାହେବା କମିଟି ଯେଉଁ ଆଧାରରେ ଦର ସ୍ଥିର କରେ, ତାହା ଅତ୍ୟନ୍ତ ଚାଷୀବିରୋଧୀ'। ସେ ଉଦାହରଣ ଦେଇ କହିଥିଲେ ଯେ, 'ଗ୍ରାମାଞ୍ଚଳରେ ମଜୁରୀ ୨୫୦ ଟଙ୍କା ହେଲା ବେଳେ ସେ ୪୩ ଟଙ୍କା ମଜୁରୀରେ ଧାନ ଦର ସ୍ଥିର କରୁଛନ୍ତି'। ସାମାଜିକ କର୍ମୀ ତୁଷାରକାନ୍ତ ଯେ ଅନଶନକାରୀଙ୍କୁ କହିଥିଲେ ଯେ, 'ସରକାରୀ କର୍ମଚାରୀଙ୍କୁ ଯେତିକି ଟଙ୍କା ପେନ୍‌ସନ ଦିଆଯାଉଛି, ସେ ପେନ୍‌ସନ ବନ୍ଦ କରି ସେହି ଅର୍ଥରେ ଚାଷୀମାନଙ୍କୁ ପେନ୍‌ସନ ଦିଆଯାଉ'। ସମସ୍ତେ ନବ ନିର୍ମାଣ ଆନ୍ଦୋଳନକୁ ନୈତିକ ସମର୍ଥନ ଦେଇ ଏହି ଆନ୍ଦୋଳନ ଚଳାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଅନଶନସ୍ଥଳରୁ ଗତକାଲି ରାତିରେ ପ୍ରସନ୍ନ ପ୍ରଧାନ, ମନୋଜ ମାଝି ଅସୁସ୍ଥ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲା ବେଳେ ଆଜି ପ୍ରହ୍ଲାଦ ସାହୁ, ଦିବାକର ନାୟକ, ମହେଶ୍ୱର ଜେନା, ଭାଗବତ ପରିଡ଼ା, ଶ୍ରୀନିବାସ ନାୟକ, ମହେନ୍ଦ୍ର ପରିଡ଼ା, ଦୁର୍ଯ୍ୟୋଧନ ସାମଲ ପ୍ରମୁଖ ଅସୁସ୍ଥ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଆଜିର ଅନଶନରେ ଅନ୍ୟମାନଙ୍କ ମଧ୍ୟରେ ବାଉରୀବନ୍ଧୁ ମହାରଣା, ବିଭୁନନ୍ଦ ପଣ୍ଡା, ପ୍ରଫୁଲ୍ଲ ଜେନା, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଗଣକ୍ୟ କହାଁର, ଅବିନାଶ ଦାସ, ତ୍ରିଲୋଚନ ପଣ୍ଡା ପ୍ରମୁଖ ସାମିଲ୍ ଥିଲେ ବୋଲି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଜଣାଇଛନ୍ତି।

ବିଦ୍ୟାଳୟରୁ ଚୋରି ଅଭିଯୋଗ

ସଂଚାର ମିଡିଆ/ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନରେ ଥିବା ଜିଗ୍ନିପୁର ଗ୍ରାମ ପଂଚାୟତ ଲାଲବାଗ ନୋଡାଲ ଉପ୍ରା ବିଦ୍ୟାଳୟରୁ ଶନିବାର ରାତିରେ ୫ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଯାଇଥିବାର ଅଭିଯୋଗ ହୋଇଛି। ଦୁର୍ବୃତ୍ତ ମାନେ ଚାରୋଟି ଶ୍ରେଣୀ ଗୃହର ତାଲା ଭାଙ୍ଗିଲା ଘରେ ଗଚ୍ଛିତ ଥିବା ଚାଉଳକୁ ଚୋରୀ କରିଥିବା ଜଣାପଡିଛି। ରବିବାର ସକାଳେ ବିଦ୍ୟାଳୟ ଶ୍ରେଣୀ ଗୃହର କବାଟ ଖୋଲା ରହିଥିବା ପ୍ରଧାନ ଶିକ୍ଷକ ହେମନ୍ତ କୁମାର ରାଉତ ଖବର ପାଇବା ପରେ ସ୍କୁଲ ପରିଚାଳନା କମିଟିର ସଭାପତି ଜ୍ଞାନ ରଂଜନ ରାଉତ ଏବଂ ସ୍ଥାନୀୟ ୱାର୍ଡ ସଭ୍ୟାଙ୍କୁ ଡାକି ଦେଖିଲା ବେଳକୁ ଚାଉଳ ଚୋରୀ ହୋଇଥିବା ଜଣାପଡିଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ରାଉତ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରି ମଣ୍ଡଳ ଶିକ୍ଷାଧିକାରୀ ମନୋ ରଂଜନ ବାରିକଙ୍କୁ ଜଣାଇଥିବା ପ୍ରକାଶ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ଶ୍ରଦ୍ଧାଞ୍ଜଳି ସଭା

ସଂଚାର ମିଡିଆ/କେନ୍ଦ୍ରାପଡା : ପ୍ରହ୍ଲାଦ ମଲ୍ଲିକ ସ୍ମୃତି ପରିଷଦ ଆନୁକୁଲ୍ୟରେ ଆଜି ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ପୂର୍ବତନ ମନ୍ତ୍ରୀ ଜନନେତା ପ୍ରହ୍ଲାଦ ମଲ୍ଲିକଙ୍କ ୨୮ ତମ ଶ୍ରାଦ୍ଧୋତ୍ସବ ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ତଥା ବରିଷ୍ଠ ବିଜେଡି ନେତା ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ପୂର୍ବତନ ମନ୍ତ୍ରୀ ତଥା କନିକାର ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ କେନ୍ଦ୍ରାପଡାରେ ଜଳସେଚନର ବ୍ୟବସ୍ଥା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ପୂର୍ବତନ ରାଜ୍ୟମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକ କ୍ୟାବିନେଟ ମନ୍ତ୍ରୀ ସ୍ୱର୍ଗତ ଭଞ୍ଜଦେଓଙ୍କ ସହିତ ମିଶି କେନ୍ଦ୍ରାପଡାରେ କୃଷକମାନଙ୍କ ସମସ୍ୟାକୁ ସମାଧାନ ପାଇଁ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ । ପୂର୍ବ ସୂରୀମାନଙ୍କ ପଦାଙ୍କ ଅନୁସରଣ କରି ଆଜିର ଯୁବପିଢୀ ଅଗ୍ରସର ହେଲେ ତାହାହିଁ ହେବ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳୀ ବୋଲି ଶ୍ରୀ ଭଞ୍ଜଦେଓ କହିଥିଲେ । ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଦାସ ବେନୁହୁର ଯୋଗଦେଇ କହିଥିଲେ ଯେ ସମସ୍ତଙ୍କୁ ପ୍ରଭାବିତ କରୁଥିବା ବ୍ୟକ୍ତିତ୍ୱ ଥିଲେ ପ୍ରହ୍ଲାଦ ମଲ୍ଲିକ । ତାଙ୍କର ସେବା ପରାୟଣତା ଓ କର୍ତ୍ତବ୍ୟ ନିଷ୍ଠା ପାଇଁ ସେ ଆଜିବି ଆମ ଭିତରେ ଉଦଯିବିତ ହୋଇ ରହିଛନ୍ତି ବୋଲି କହିଥିଲେ । କହୁଥିବା କଥାକୁ ରଖି କାର୍ଯ୍ୟରେ ପରିଣତ କରିପାରିଲେ ସମାଜ କେତେକାଂଶରେ ସୁଦୁରି ଯାଆନ୍ତା ବୋଲି ସେ କହିଥିଲେ । ପ୍ରାଧ୍ୟାପକ ଅଜୟ ସାମଲ,ପଣ୍ଡିତ ହୃଷିକେଶ ରଥ,ଅଧ୍ୟାପକ ମନୀନ୍ଦ୍ର ସାମଲ,ସୁମିତ୍ରା ଜେନା,ଅଧ୍ୟାପକ ବସନ୍ତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୂର୍ଗତ ମଲ୍ଲିକଙ୍କ ସ୍ମୃତିଚାରଣ କରିଥିଲେ । ସଂଗ୍ରାମ ମଲ୍ଲିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ବିଧାୟିକା ଡଃ ସିପ୍ରା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗିରୀଶ ପାତ୍ର,ଧିରେନ ସାହୁ, ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

ଅଙ୍ଗନୱାଡି କର୍ମୀଙ୍କ ବାର୍ଷିକ ସମ୍ମିଳନୀ

ସରକାରୀ କର୍ମଚାରୀର ମାନ୍ୟତା ପାଇଁ ସଂଗ୍ରାମ ଜାରି ରହିବ

ସଂଚାର ମିଡିଆ/ କଟକ: ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ୍ ଆସୋସିଏସନ ସହରାଂଚଳ ୨ ଶାଖାର ଆଜି ରାଜ୍ୟସ୍ତରୀୟ କର୍ମୀ ସମ୍ମିଳନୀ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ୍ ଆସୋସିଏସନ ସାଧାରଣ ସଂପାଦିକା ତଥା ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର କୋଷାଧକ୍ଷା ସୁମିତ୍ରା ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କଟକ ସହରାଂଚଳ ଶାଖାର ସଂପାଦିକା ଜ୍ୟୋତ୍ସ୍ନାରାଣୀ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ମଜଦୁର ସଂଘର କଟକ ଜିଲ୍ଲା ସଭାପତି ଗୌରାଙ୍ଗ ଚରଣ ରଥ ଯୋଗଦେଇ ସଂଘ ଶ୍ରମିକମାନଙ୍କ ହିତ ପାଇଁ କିପରି କାମ କରିଚାଲିଛି ତାହା ଦର୍ଶାଇଥିଲେ । ମୁଖ୍ୟବକ୍ତା ଭାବେ ସଭାନେତ୍ରୀ ଗୀତାରାଣୀ ମହାନ୍ତି ଯୋଗଦେଇ ରାଜ୍ୟରେ ଅଙ୍ଗନୱାଡି କର୍ମଚାରୀମାନେ ଦୀର୍ଘ ୪୨ ବର୍ଷ ଧରି ନିଷ୍ଠାପର ଭାବରେ ନିଜର କର୍ତ୍ତବ୍ୟ ସଂପାଦନ କରୁଥିବା ବେଳେ ସେମାନେ ଆଜି ବି ଅବହେଳିତ ବୋଲି ଦର୍ଶାଇବା ସହିତ ସରକାରୀ କର୍ମଚାରୀ ମାନ୍ୟତା ଦାବିରେ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ । ଦାବି ପୂରଣ ପାଇଁ ବାରମ୍ବାର ଆନ୍ଦୋଳନ ଜରିଆରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ ହେଁ ଉଭୟ ସରକାରଙ୍କ ଉଦାସୀନତା ଯୋଗୁ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସରକାର ଯଥାଶୀଘ୍ର ବେତନ ବୃଦ୍ଧି, ଗ୍ରୀଷ୍ମ ଅବକାଶ ଛୁଟି, ସାମାଜିକ ସୁରକ୍ଷା, ପ୍ରୋଭିଡେଂଟ ଫଣ୍ଡ, ଇଏସଆଇ, ପେନସନ,ଗାଁ କଲ୍ୟାଣ ସମିତି କାର୍ଯ୍ୟରୁ ଅଙ୍ଗନୱାଡି କର୍ମୀମାନଙ୍କୁ ବାଦ ଦେବା ଆଦି ଦାବିଗୁଡିକ ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭାନେତ୍ରୀ ସୌଦାମିନୀ ଦାସ, ବିଏମଏସ ଜିଲ୍ଲା ସଂପାଦକ ଭାଗିରଥି ବେହେରା, ଲକ୍ଷ୍ମଣ କୁମାର ଦାସ, ଅସଂଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନୂତନ କର୍ମକର୍ତ୍ତା ରୂପେ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କସ୍ ଆସୋସିଏସନ କଟକ ସହରାଂଚଳ ଶାଖା ୨ର ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ସିଂହ, ସଂପାଦିକା ଅନିତା ସାମଲଙ୍କ ସମେତ ୧୨ ଜଣ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସରୋଜିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ ।

ରାଜରାସ୍ତାରେ ଡ଼ାକ୍ତରଙ୍କୁ ମାଡମାରିବା, ଟଙ୍କା ଓ ସୁନା ଲୁଟ ଅଭିଯୋଗରେ ଯୁବକ ଜେଲ ଗଲେ

ସଂଚାର ମିଡିଆ/ପିପିଲି: ପିପିଲି ନିକଟବର୍ତୀ ସିଉଳା ଠାରେ ଜୈନିକ ଡ଼ାକ୍ତର ନିଜେ ଡ୍ୟୁଟି ସାରି ତାଙ୍କୁ ଆକ୍ରମଣ କରି ତିନି ଭରି ଓଜନର ସୁନା ଓ ସାର୍ଟ ପକେଟରେ ଥିବା ୮ହଜାର ଟଙ୍କା ଛଡ଼ାଇ ନେଇଥିବାର ଡ଼ାକ୍ତର ରମେଶ ବେହେରା ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛି। ପିପିଲି ପୋଲିସ ଠାରୁ ପ୍ରକାଶ ଢ଼େଲାଙ୍ଗ ଇନ୍ଦିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ରମେଶ ବେହେରା କାର୍ଯ୍ୟସାରି ରାତି ସାଢେ ଆଠଟା ସମୟରେ ତାଙ୍କର ଅଲ୍ଟୋ ଓଆର ୦୨ ବିଇ ୫୧୨୩ ଭୁବନେଶ୍ୱର ଯାଉଥିବା ବେଳେ ସିଉଳା ଯାଉଥିବା ବେଳେ ଏକ ଟ୍ରମ ଡ଼ାକ୍ତରଙ୍କ ଗାଡ଼ିକୁ ସାଇଡ୍ ମାରିବା ପରେ ଡ଼ାକ୍ତରଙ୍କ କାର ଡ଼ିଭାଇଡ଼ରରେ ମାଡ଼ ହୋଇଥିଲା। ଏହି ସମୟରେ ଡ଼ାକ୍ତର ଗାଡ଼ି ରଖିବାରେ ବିପରୀତ ଦିଗରେ ଠିଆ ହୋଇଥିବା ସିଉଳା ଗ୍ରାମର ତୋଫାନ ସ୍ୱାଇଁ କିଛି ନବୁଝି ଡ଼ାକ୍ତର ଙ୍କୁ ମାଡ଼ ମାରିବା ଡ଼ାକ୍ତରଙ୍କ କାରକୁ ବାଡ଼